بِسۡمِ اللّٰہِ الرَّحۡمٰنِ الرَّحِیۡمِ

୭ ଫେବୃଆରୀ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ଖୈବର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ଏବଂ (ଜମାଅତର) ସଦସ୍ୟବୃନ୍ଦଙ୍କୁ ଦୁଆ କରିବାକୁ ଆହ୍ୱାନ ।।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଗତ ଖୁତ୍‌ବାରେ ଖୈବର୍ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଖୈବର୍ ଅଭିମୁଖେ ପ୍ରସ୍ଥାନ କରିବାର ବିସ୍ତୃତ ବ୍ୟାଖ୍ୟା (ଇତିହାସ ପୃଷ୍ଠାରେ) ଏପରି ଉଲ୍ଲେଖ ରହିଛି ଯେ, ହୁଜୁର ସ.ଅଙ୍କ ନେତୃତ୍ୱରେ ୧୬୦୦ ଉତ୍ସର୍ଗକାରୀ ସାହାବାଙ୍କର ଗୋଷ୍ଠୀ ମଦିନାରୁ ବାହାରିଲା । କିନ୍ତୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ହୁଜୁରସ.ଅ ଏକ ବାର୍ତ୍ତାବହ ଦଳ ଆଗୁଆ ପ୍ରେରଣ କରି ଦେଇଥିଲେ । ଯାହାଙ୍କୁ ଏହି ଦାୟିତ୍ୱ ଭାର ନ୍ୟସ୍ତ କରାଯାଇଥିଲା ଯେ, ମୁସଲମାନ ସେନା ଆଗରେ ଆଗରେ ରାସ୍ତା ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ପରିସ୍ଥିତି ସଂକ୍ରାନ୍ତରେ ସୂଚନା ପ୍ରଦାନ କରୁଥିବ । ସେହି ଦଳର  କାଏଦ୍ (ଅଧକ୍ଷ) ହଜରତ ଅବାଦ ବିନ୍ ବିଶର୍ ଅନସାରୀ ଥିଲେ । ଖୈବର୍‌ର ରାସ୍ତା ଦେଖାଇବା ନିମନ୍ତେ ଦୁଇଜଣ ମାର୍ଗଦର୍ଶକ ପାରିଶ୍ରମିକ ସ୍ୱରୂପ ରଖାଯାଇଥିଲା, ମଦିନାରୁ ଖୈବର୍ ଅଭିମୁଖେ ଯାତ୍ରା କରିବା ସମୟରେ ସେମାନେ ବିଭିନ୍ନ ସ୍ଥାନରେ ଅଟକି ରହିବା ସହିତ ଶେଷରେ ସେମାନେ ସହବା ସ୍ଥାନରେ ଅବସ୍ଥାନ କରି ନମାଜ ପାଠ କଲେ । ଅତଏବ ବୁଖାରୀରେ ବର୍ଣ୍ଣିତ ରହିଛି, ହୁଜୁରସ.ଅ ସହବା ସ୍ଥାନରେ ଅବସ୍ଥାନ କରି ନମାଜ ପାଠ କଲେ । ସେଥିଅନ୍ତେ ଖାଇବା ପାଇଁ କିଛି ଖାଦ୍ୟ ପଦାର୍ଥ ମଗାଇଲେ, ମୁସଲମାନ ସେନା ନିକଟରେ କେବଳ ଛତୁଆ ରହିଥିଲା ତେଣୁ ମହାଭାଗ ଓ ସାହାବାଗଣ ତାହା ହିଁ ସେବନ କରିନେଲେ । ବର୍ଣ୍ଣନାକାରୀ କୁହନ୍ତି ଯେ, ତା'ପରେ ମଗରିବ୍ ନମାଜ ପାଠ କରିବାକୁ ଛିଡ଼ା ହୋଇଗଲେ ଏବଂ କୁଳି କଲେ, ସାହାବାମାନେ ମଧ୍ୟ କୁଳି କଲେ ଓ ହୁଜୁରସ.ଅ ଅତିରିକ୍ତ ଓଜୁ ନକରି ନମାଜ ପାଠ କରାଇଲେ ।

ଏହି ଯାତ୍ରାରେ କିଛି ବିଶେଷ ଘଟଣା ମଧ୍ୟ ଘଟିଥିଲା, ଯେଉଁଥିରୁ ପ୍ରତୀତ ହେଉଛି ଯେ ଏପରି କୋଳାହଳ ପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ପବିତ୍ର ଅବତାରସ.ଅ ସାହାବାଙ୍କର କେତେଯେ ଧ୍ୟାନ ରଖୁଥିଲେ ଏବଂ ଶାନ୍ତିଶୃଙ୍ଖଳା ଓ ଆଜ୍ଞାପାଳନ ଯେପରି ଭଲ ଗୁଣ ଉତ୍ପନ୍ନ କରିବା ପ୍ରତି ଧ୍ୟାନ ଆକର୍ଷିତ କରୁଥିଲେ । ଏହିପରି ଏକ ଘଟଣା ଉଲ୍ଲେଖ ରହିଛି ଯେ, ଏକଦା ରାତ୍ରି ସମୟରେ ସେନା ବାହିନୀ ଆଗେ ଆଗେ କୌଣସି ଚମକୁ ଥିବା ବସ୍ତୁ ଦୃଶ୍ୟମାନ ହେଲା, ତାହା ଦେଖି ହୁଜୁରସ.ଅ ଚିନ୍ତିତ ହେଲେ ଏବଂ ତାହାର ଖବର ନେବାରୁ ଜଣା ପଡିଲା କି ସେ ଇସଲାମୀୟ ସେନାର ଜଣେ ସିପାହୀ । ଯେ କି ସୈନ୍ୟଦଳକୁ ଛାଡ଼ି ଆଗେ ଆଗେ ଚାଲୁଥିଲେ, ଆଉ ତାଙ୍କ ମୁକୁଟ ରୌପ୍ୟର ହୋଇଥିବାରୁ ତାହା ଝଟକୁ ଥିଲା । ତାଙ୍କର ନାମ ଅବୁ ଅବସ୍ ଥିଲା । ତାଙ୍କୁ ଯେତେବେଳେ ମହାଭାଗଙ୍କ ସେବାରେ ଉପସ୍ଥିତ କରାଗଲା ସେତେବେଳେ ପୁଣ୍ୟଶ୍ଳୋକ ତାଙ୍କୁ ଉପଦେଶ ପୂର୍ବକ କହିଲେ; ସେନା ବାହିନୀ ସାଥିରେ ମିଳିତ ହୋଇଚାଲ ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ବନୁ ଗତଫାନ୍ (କବିଲା) ନିକଟକୁ ସନ୍ଧିର ବାର୍ତ୍ତା (ପ୍ରସ୍ତାବ) ମଧ୍ୟ ପ୍ରେରଣ କରିଥିଲେ । ହୁଜୁର ସ.ଅଙ୍କୁ ଏହି ଖବର ମିଳି ଯାଇଥିଲା ଯେ, ଆଉ ବନୁ ଗତଫାନ୍ ଖୈବର୍‌ବାସୀଙ୍କୁ ସାହାଯ୍ୟ

କରିବାର ପ୍ରତିଶୃତି ଦେଇଥିଲେ । ତେଣୁ ସେମାନେ ଅଧିକ ଚାରି ହଜାର ସୈନିକ ନେଇ ଏହି ଉଦ୍ଦେଶ୍ୟରେ ଘରୁ ବାହାରି ପଡିଲେ ଯେ, ଇସଲାମୀୟ ସେନା ଖୈବର୍‌ରେ ପହଞ୍ଚିବା ପୂର୍ବରୁ ମାର୍ଗରେ ହିଁ ସେମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେବେ । ଅତଃ ହୁଜୁର[ସ.ଅ] ବନୁ ଗତଫାନ୍ ସହିତ ସମ୍ପର୍କ ସ୍ଥାପନ କଲେ ଏବଂ ଏକ ପତ୍ର ସେମାନଙ୍କ ନିକଟକୁ ପ୍ରେରଣ କଲେ । ଯେଉଁଥିରେ ଉଲ୍ଲେଖ ଥିଲା କି ତୁମେମାନେ ଖୈବର୍ ପ୍ରସଙ୍ଗରେ କୌଣସି ପକ୍ଷ ପ୍ରତି ନମନୀୟ ହୁଅ ନାହିଁ ଏବଂ ସେମାନଙ୍କୁ ସ୍ପଷ୍ଟ ଶବ୍ଦରେ ଦର୍ଶାଇ ଦେଲେ ଯେ ପରାକ୍ରମୀ ଅଲ୍ଲାଃଙ୍କର ମୋ ସହିତ ଅଙ୍ଗୀକାର ରହିଛି ଯେ, ସେ ମୋତେ ବିଜୟ ମଣ୍ଡିତ କରିବେ । କିନ୍ତୁ ୧୬୦୦ ମୁସଲମାନମାନଙ୍କ ମୁକାବିଲାରେ ୧୫୦୦୦ ବୀର ଓ ଧୁରନ୍ଧର ଯୋଦ୍ଧା ଏବଂ ସୁଦୃଢ଼ ଦୁର୍ଗରେ ରହିଥିବାର ସେମାନଙ୍କର ଗର୍ବ ସେମାନଙ୍କ ମନରେ ବସା ବାନ୍ଧି ରହିଥିଲା । ତେଣୁ ସେମାନେ ହୁଜୁର [ସ.ଅ]ଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିଦେଲେ ।

ଏଥିରେ ପୁଣ୍ୟଶ୍ଳୋକ ଖଜ୍‌ରଜ୍ କବିଲାର ସରଦାର୍ ଓ ନିଷ୍ପାପର ସାହାବୀ ହଜରତ ସାଦ୍ ବିନ୍ ଅବାଦାଃ [ର.ଅ]ଙ୍କୁ ବନୁ ଗତଫାନ୍‌ର ସେନାଧକ୍ଷ ଉୟେନାଃ ବିନ୍ ହିସନ୍ ନିକଟକୁ ପ୍ରେରଣ କଲେ । ସେ ଆପଣ [ର.ଅ]ଙ୍କୁ ଦୁର୍ଗର ବାହାରେ ଭେଟିଲା, ଆପଣ[ର.ଅ] ତାହାକୁ ମାହାଭାଗଙ୍କ ସନ୍ଦେଶ ଦେଲେ । ଏଥିରେ ଉୟେନାଃ ହଜରତ ସାଦ୍‌ଙ୍କୁ କହିଲେ; ଆମେ କୌଣସି ମତେ ନିଜ ମିତ୍ରଙ୍କୁ ଏକାକୀ ଛାଡ଼ି ଦେବୁ ନାହିଁ ଏବଂ ଆମ୍ଭେ ଜାଣିଛୁ ଯେ, ତୁମ୍ଭମାନଙ୍କ ଶକ୍ତି ହିଁ କେତେ ? ଯଦି ତୁମେମାନେ ଆମର ମୁକାବିଲା କର ତେବେ ସମସ୍ତେ ନିପାତ ହୋଇଯିବ । ମନେରଖ ଏମାନେ କୁରୈଶ ପରି ନୁହନ୍ତି, ଯାହାଙ୍କ ଉପରେ ତୁମକୁ ବିଜୟ ପ୍ରାପ୍ତି ହୋଇଗଲା । ଏଥିସହିତ ସେ କହିଲା; ମୋର ଏହି ବାର୍ତ୍ତା ହଜରତ ମୁହମ୍ମଦ [ସ.ଅ]ଙ୍କୁ ପହଞ୍ଚାଇ ଦେବ । ହଜରତ ସାଦ୍[ର.ଅ] ତାହାର ଏହି ଅହଂକାର ପୂର୍ଣ୍ଣ ଉତ୍ତରରେ କହିଲେ; **ମୁଁ ସାକ୍ଷ୍ୟ ଦେଉଛି ଯେ, ନବୀଶ୍ରେଷ୍ଠ ନିଶ୍ଚିତ ରୂପେ ତୁମର ଏହି ଦୁର୍ଗକୁ ଆସିବେ ଏବଂ ବର୍ତ୍ତମାନ ଆମେ ଯେଉଁ ପ୍ରସ୍ତାବ ତୁମକୁ ଦେଲୁ ପରବର୍ତ୍ତୀ ସମୟରେ ତୁମେମାନେ ଆମକୁ ଏହାର ଭିକ୍ଷା କରିବ ।** କିନ୍ତୁ ସେତେବେଳେ ତୁମକୁ ଖଣ୍ଡା ବ୍ୟତୀତ ଅନ୍ୟ କିଛି ମିଳିବ ନାହିଁ । ହେ ଉୟେନାଃ ! ମୁଁ ଦେଖି ସାରିଛି ଯେ, ୟହୁଦିମାନଙ୍କ ପ୍ରାଙ୍ଗଣରେ ଆମେମାନେ ଓହ୍ଲାଇବୁ ଏବଂ ସେମାନେ ଅତ୍ୟନ୍ତ ଭୟଙ୍କର ରୂପେ ବିଲୁପ୍ତ ହୋଇଯିବେ ।

ପରମେଶ୍ୱରଙ୍କ ଭବ୍ୟତାର ପ୍ରକଟ ହେବା ଓ ଗତଫାନୀମାନଙ୍କ ପଳାୟନ କରିବାର ଚର୍ଚ୍ଚା ମଧ୍ୟ ଉଲ୍ଲେଖ ରହିଛି । ହଜରତ ମୁହମ୍ମଦ[ସ.ଅ] କହିଥିଲେ, ନୁସିର୍‌ତୁ ବିର୍‌ରୋବ୍ ଅର୍ଥାତ ମୋତେ ମର୍ଯ୍ୟାଦା ପ୍ରଦାନ କରାଯାଇଛି । ଏହି ଘଟଣା ଏଠାରେ ବ୍ୟବହାରିକ ସ୍ତରରେ ଏକଦା ପୁନଶ୍ଚ ଗତଫାନୀ ସେନାଦଳ ନିମନ୍ତେ ପ୍ରତିପାଦିତ ହେଲା । ସେମାନଙ୍କର ୪୦୦୦ର ସୈନ୍ୟବାହିନୀ ଇସଲାମୀୟ ସେନା ଉପରେ ଆକ୍ରମଣ କରିବା ସକାଶେ ପଛରେ ଆସୁଥିଲା ଯଦ୍ଦ୍ୱାରା ସେମାନେ ମୁସଲମାନମାନଙ୍କୁ ଖୈବର୍‌ରେ ପହଞ୍ଚିବାରୁ ବିରତ ରଖି ପାରିବେ । କିନ୍ତୁ ଏପରି କୌଣସି ଅଲୌକିକ ବିଧାନ ପ୍ରକଟିତ ହେଲା ଯାହା ଫଳରେ ସେମାନଙ୍କର ସୈନ୍ୟସାମନ୍ତ ହଠାତ୍ ସେଠାରୁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଗଲେ ।

ୟହୁଦିମାନଙ୍କୁ ଏପରି ଘଟିବାର ଆଦୌ ଆଶା ନଥିଲା ଯେ, ହଜରତ ମୁହମ୍ମଦ[ସ.ଅ] ସେମାନଙ୍କ ଉପରେ ଆକ୍ରମଣ କରିଦେବେ । କାରଣ ନିଜ ସୁଦୃଢ଼ ଦୁର୍ଗ, ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ଓ ନିଜ ସଂଖ୍ୟାଗରିଷ୍ଠ ହେବାର ଅହଂକାର ଭାବ ସେମାନଙ୍କୁ ଗ୍ରାସ କରିଥିଲା । ଯେତେବେଳେ ୟହୁଦିମାନଙ୍କୁ ଏକଥା ଜଣା ପଡିଲା ଯେ, ମହାଭାଗ ସେମାନଙ୍କୁ ଆଡ଼କୁ ଅଗ୍ରସର ହେଉଛନ୍ତି ସେତେବେଳେ ସେମାନେ ପ୍ରତିଦିନ ୧୦,୦୦୦ଯୁଦ୍ଧ ପ୍ରବୀଣ ସୈନିକଙ୍କୁ ଧାଡ଼ିଶର୍ଯ୍ୟା କରି ପହରା ଦେବାରେ ମୁତୟନ କରି ସେମାନଙ୍କୁ କହୁଥିଲେ, ଦେଖ ମୁହମ୍ମଦ[ସ.ଅ] କ'ଣ ଆମ ମୁକାବିଲାରେ ସୈନ୍ୟଶର୍ଯ୍ୟା କରିବାର (ଦୁଃସାହସ) କରିପାରିବେ ? ଏହା ସମ୍ଭବ ନୁହେଁ । ଯେତେବେଳେ ହୁଜୁର[ସ.ଅ] ସେମାନଙ୍କ ନିକଟରେ ପହଞ୍ଚିଲେ, ସେତେବେଳେ ସେମାନଙ୍କୁ ତାହାର ସୁରାଗ ହିଁ ମିଳିଲା ନାହିଁ । ଏପରିକି ସୂର୍ଯ୍ୟୋଦୟ ହୋଇଗଲା, ଆଉ ପ୍ରଭାତରେ ଯେତେବେଳେ ୟହୁଦିମାନେ ନିଜ ଦୁର୍ଗରୁ ପଦାକୁ ବାହାରିଲେ ସେତେବେଳେ ସେମାନଙ୍କ ହାତରେ କୋଦାଳ ଓ ଟୋକେଇ ଥିଲା । ସେମାନେ ହୁଜୁର [ସ.ଅ]ଙ୍କୁ ଦେଖିବା ମାତ୍ରେ ତତ୍‌କ୍ଷଣାତ ନିଜ

ଦୁର୍ଗ ମଧ୍ୟକୁ ପଳାୟନ କରିଗଲେ ଏବଂ ସେଠାରେ ଯାଇ ଲୁଚି ରହିଲେ । ହଜରତ ଅନସ୍[ର.ଅ] ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ୟହୁଦିମାନେ ହୁଜୁର [ସ.ଅ]ଙ୍କୁ ଦେଖିଲେ, ଅକସ୍ମାତ କହି ଉଠିଲେ- ଅଲ୍ଲାଃଙ୍କ ରାଣ! ଏ ତ ମୁହମ୍ମଦ[ସ.ଅ] । ନବୀଶ୍ରେଷ୍ଠ କହିଲେ; ଖରିବତ୍ ଖୈବର୍ ଇନ୍ନା ଇଜା ନଜଲ୍‌ନା ବିସାହତି କୌମିନ୍ ଫସାଆ ସବାହୁଲ୍ ମୁନ୍‌ଜରିନ୍ ଅର୍ଥାତ ଖୈବର୍ ଧ୍ୱଂସ ହୋଇଗଲା! ଯେତେବେଳେ ଆମେ କୌଣସି ଗୋଷ୍ଠୀର ପ୍ରାଙ୍ଗଣରେ ଓହ୍ଲାଇ ଥାଉ ସେତେବେଳେ ଭୟଭୀତ କରାଯାଇଥିବା (ଗୋଷ୍ଠୀର) ପ୍ରଭାତ ଅତି ଅଶୁଭ ହୋଇଥାଏ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଖୈବର୍‌ରେ ଅନେକ ଦୁର୍ଗ ରହିଥିଲା । ସେଗୁଡ଼ିକ ସଂକ୍ରାନ୍ତରେ ବର୍ଣ୍ଣନା କରିବା ମଧ୍ୟ ଜରୁରୀ । ଖୈବର୍‌ର ଭୌଗଳିକ ବିଭକ୍ତିକରଣ ପ୍ରସଙ୍ଗରେ ଉକ୍ତ ଦୁର୍ଗଗୁଡ଼ିକର ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି । ଯେହେତୁ ସେଗୁଡ଼ିକ ଯୁଦ୍ଧର ବିଭୀଷିକାରୁ ରକ୍ଷା କରିବା ସକାଶେ ନିର୍ମାଣ କରାଯାଇଥିଲା ତେଣୁ ସେଗୁଡ଼ିକୁ (ମୁସଲମାନମାନେ) ଗୋଟିକ ପରେ ଗୋଟିଏ ଜୟ କରି ନେଇଥିଲେ । ତେବେ କେବଳ ସେହି ଦୁର୍ଗର ସଂଖ୍ୟା ସଂକ୍ରାନ୍ତରେ ନୁହେଁ ବରଂ ସେଗୁଡ଼ିକର ନାମରେ ମଧ୍ୟ ମତ ପାର୍ଥକ୍ୟ ରହିଛି । ସମସ୍ତ ପୁସ୍ତକଗୁଡ଼ିକୁ ଅଧ୍ୟୟନ କଲେ ଏକଥା କୁହାଯାଇ ପାରିବ ଯେ, ଖୈବର୍‌ର ଅଞ୍ଚଳ ତିନି ଭାଗରେ ବିଭକ୍ତ ଥିଲା ଯଥା- ନତାଃ, ଶକ୍ ଓ କତିବା । ଉକ୍ତ ତିନୋଟି ସ୍ଥାନରେ ମୋଟ ଆଠଗୋଟି ଦୁର୍ଗ ରହିଥିଲା । ନତା'ରେ ତିନୋଟି (ଦୁର୍ଗ) ଯେପରିକି ନାଅମ୍, ସାବ୍ ଓ ଜବିର୍ । ଶକ୍‌ରେ ଉବ୍‌ବି ଏବଂ ଆଉ କେତେକଙ୍କ କହିବାନୁଯାୟୀ ନଜାର୍ ଓ କତିବାଃରେ ମଧ୍ୟ ତିନୋଟି (ଦୁର୍ଗ) ଯେପରିକି କମୁସ୍, ତଇ ଓ ସଲାଲମ୍ ରହିଥିଲା ।

ଔପଚାରିକ ରୂପେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ସାହାବାମାନଙ୍କୁ ଏକ ସଂକ୍ଷିପ୍ତ ଉଦ୍‌ବୋଧନ ଦେଇ କହିଲେ; **ତୁମେ ଶତ୍ରୁ ସହିତ ମୁହାଁମୁହିଁ ହେବାର ଅଭିଳାଷ କର ନାହିଁ, ବରଂ ଐଶ୍ୱର୍ଯ୍ୟମୟ ଅଲ୍ଲାଃତାଲାଙ୍କ ଠାରୁ ଆଶିଷ ଓ କଲ୍ୟାଣ ଭିକ୍ଷା କର, ତୁମମାନଙ୍କୁ ଜଣା ନାହିଁ ଯେ ତୁମେ କେଉଁ ପରୀକ୍ଷାରେ ନିପତିତ କରିଦିଆଯିବ ।** ଆଉ ଯେତେବେଳେ ଶତ୍ରୁ ସହିତ ତୁମର ମୁହାଁମୁହିଁ ହୋଇଯାଏ ସେତେବେଳେ ଏହି ଦୁଆ କର, ହେ ଅଲ୍ଲାଃ! ତୁମ୍ଭେ ହିଁ ଆମର ପାଳନକର୍ତ୍ତା ଓ ସେମାନଙ୍କର ମଧ୍ୟ । ସେମାନଙ୍କ ଓ ଆମମାନଙ୍କ କପାଳ ଲିଖନ ତୁମ୍ଭରି ହସ୍ତରେ ରହିଛି, ତୁମ୍ଭେ ସେମାନଙ୍କୁ ନିପାତ କରିଦିଅ ।

ନାଅମ୍ ଦୁର୍ଗ ୟହୁଦିମାନଙ୍କର ସବୁଠାରୁ ସୁଦୃଢ଼ ଦୁର୍ଗ ଥିଲା ଏବଂ ଖୈବର୍‌ର ଶକ୍ତିଶାଳୀ ଓ ସୁପ୍ରସିଦ୍ଧ ଯୋଦ୍ଧା ମରହବ୍ ସେହି ଦୁର୍ଗର ସୁରକ୍ଷା ଦାୟିତ୍ୱରେ ମୁତୟନ ସୈନିକମାନଙ୍କ ସେନାଧ୍ୟକ୍ଷ ଥିଲା । ବର୍ଣ୍ଣନାରୁ ଜଣା ଯାଉଛି ଯେ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଦଶଦିନ ପର୍ଯ୍ୟନ୍ତ କ୍ରମାଗତ ଭାବରେ ଯୁଦ୍ଧ କରିବାରେ ସଂଶ୍ଳିଷ୍ଟ ରହିଥିଲେ । ବାରମ୍ବାର ଅସଫଳ ଓ ସାହାବାମାନେ ଆଘାତ ହେବା ଯୋଗୁଁ ୟହୁଦିମାନଙ୍କ ସାହାସ ଓ ମନବଳ ବେଶ୍ ବଢ଼ି ଯାଇଥିଲା । ଶେଷରେ ଏକଦା ରାତ୍ରିରେ ହୁଜୁର[ସ.ଅ] କହିଲେ; **କାଲି ମୁଁ ଏପରି ଏକ ବ୍ୟକ୍ତି ହାତରେ ଇସଲାମୀୟ ଧ୍ୱଜା ପ୍ରଦାନ କରିବି, ଯାହା ଦ୍ୱାରା ପରାକ୍ରମୀ ପ୍ରଭୁ ଆମକୁ ବିଜୟ ମଣ୍ଡିତ କରିବେ ।** ସେ ଅଲ୍ଲାଃ ଓ ତାଙ୍କ ରସୁଲକୁ ଅତି ପ୍ରେମ କରନ୍ତି ।

ହଜରତ ମୁସଲେହ୍ ମଉଦ[ର.ଅ] ଏହି ପରିପ୍ରେକ୍ଷୀରେ ବର୍ଣ୍ଣନା କରନ୍ତି ଯେ, ଦିନେ ରାତ୍ରିରେ ମହାଭାଗଙ୍କୁ ସର୍ବଶକ୍ତିମାନ ଅଲ୍ଲାଃ ସୂଚନା ଦେଲେ, ଏହି ସହର ହଜରତ ଅଲୀ [ର.ଅ]ଙ୍କ ହସ୍ତରେ ଜୟ ହେବା ଧାର୍ଯ୍ୟ ରହିଛି । ହୁଜୁର[ସ.ଅ] ହଜରତ ଅଲୀ [ର.ଅ]ଙ୍କୁ ଡ଼କାଇଲେ ଏବଂ ଧ୍ୱଜା ତାଙ୍କ ଅଧୀନ କରିଦେଲେ । ଅତଃ ସେ ସାହାବାମାନଙ୍କୁ ସାଥିରେ ନେଇ ଦୁର୍ଗ ଉପରେ ଆକ୍ରମଣ କରିଦେଲେ । ଯଦିଚ ଶତ୍ରୁପକ୍ଷ ନିଜ ଦୁର୍ଗ ଭିତରେ ସୁରକ୍ଷିତ ରହିଥିଲା ତଥାପି ଅଲ୍ଲାଃତାଲା ହଜରତ ଅଲୀ ଓ ଅନ୍ୟ ସାହାବାମାନଙ୍କୁ ଏପରି ସାମର୍ଥ୍ୟ ପ୍ରଦାନ କଲେ କି ସନ୍ଧ୍ୟା ହେବା ପୂର୍ବରୁ ସେମାନେ ଦୁର୍ଗ ଜୟ କରିନେଲେ । ଯେତେବେଳେ ୟହୁଦିମାନେ ପରାସ୍ତ ହୋଇଗଲେ ଏବଂ ନାଅମ୍ ଦୁର୍ଗକୁ ମୁସଲମାନମାନଙ୍କ କବଳରୁ ରକ୍ଷା କରିବାରୁ ଅସମର୍ଥ୍ୟ ରହିଲେ ସେତେବେଳେ ସେମାନେ ସଆବ୍ ଦୁର୍ଗକୁ

ସ୍ଥାନାନ୍ତରିତ ହୋଇଗଲେ । ଏହି ସଂଘର୍ଷରେ ଜଣେ ହେଲେ ମଧ୍ୟ ୟହୁଦି କଏଦ ହୋଇ ନଥିଲେ । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ବାକି ଦୁର୍ଗଗୁଡ଼ିକର ବିସ୍ତୃତ ବ୍ୟାଖ୍ୟା ଇନ୍‌ଶାଅଲ୍ଲାଃ ଆସନ୍ତାରେ ହେବ ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଦୁଆ କରିବାକୁ ମୁଁ ବାରମ୍ବାର କହି ଆସୁଛି, ବିଶ୍ୱର ଉକ୍ତ ପରିସ୍ଥିତି, ମୁସଲମାନମାନଙ୍କ (ଅସହାୟ) ଅବସ୍ଥା ତଥା ଫିଲିସ୍ତିନ ସଂକ୍ରାନ୍ତରେ ବିଶେଷ ଭାବରେ ଦୁଆ କରିବେ । ସେମାନଙ୍କ ଅବସ୍ଥା ଯଦିଚ ପ୍ରକାଶ୍ୟରେ ପ୍ରତୀତ ହେଉଛି ଯେ, ସମ୍ଭବତଃ Ceasefire ହେଲେ ପରିସ୍ଥିତି ସାମାନ୍ୟ ହୋଇଯିବ କିନ୍ତୁ ଦିନ ପ୍ରତିଦିନ ଅବସ୍ଥା ଶୋଚନୀୟ ହୋଇଚାଲିଛି । ଆମେରିକାର ନୂତନ ସଦର (ରାଷ୍ଟ୍ରପତି)ଙ୍କର ପଲିସି ଓ ଯୋଜନା ତ ଅନ୍ୟାୟ ଅତ୍ୟାଚାରର ଶିର୍ଷରେ ପହଞ୍ଚି ଯାଇଛି । ପୂର୍ବେ ତ ଆମେରିକୀୟମାନେ କହୁଥିଲେ ଯେ, (ଟ୍ରମ୍ପ) ଆମ ରାଷ୍ଟ୍ର ପ୍ରତି ବିପଦପୂର୍ଣ୍ଣ, ଆଉ ବାହ୍ୟଦେଶ ପ୍ରସଙ୍ଗରେ (ସେ) ହସ୍ତକ୍ଷେପ କରି ନଥାଏ । କିନ୍ତୁ ଏବେ ତ (ସେ) ସମଗ୍ର ବିଶ୍ୱ ପାଇଁ ବିପଦପୂର୍ଣ୍ଣ ପାଲଟି ଯାଇଛି । ଅଲ୍ଲାଃତାଲା ଫିଲିସ୍ତିନବାସୀଙ୍କ ଉପରେ ଓ ଜଗତ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଏବଂ (ଦୁରାଚାରୀଙ୍କ) କବଳରୁ ରକ୍ଷା କରନ୍ତୁ । ଆରବ ଦେଶ ଯଦି ଏବେ ମଧ୍ୟ ନିଜ ଆଖି ନଖୋଲନ୍ତି ଓ ପରସ୍ପର ମଧ୍ୟରେ ଏକତା ସ୍ଥାପନ କରିବାକୁ ଉଦ୍ୟମ ନକରନ୍ତି । କାରଣ ଏତଦ୍ ବ୍ୟତୀତ ଅନ୍ୟ ଉପାୟ ନାହିଁ । ନଚେତ୍ କେବଳ ଫିଲିସ୍ତିନ ନୁହେଁ ବରଂ ବାକି ଆରବ ଦେଶ ମଧ୍ୟ ଭୀଷଣ ବିପତ୍ତିର ସମ୍ମୁଖୀନ ହେବେ । ଯଦିଚ ସମ୍ପ୍ରତି କେତେକ ଅଣମୁସଲମାନ ଦେଶମାନେ ଫିଲିସ୍ତିନମାନଙ୍କ ପକ୍ଷରେ ସ୍ୱର ଉତ୍ତୋଳନ କଲେଣି । କିନ୍ତୁ ଶକ୍ତିଶାଳୀ (ଦେଶ) ନିଜର ଏହି ନଶା (ସଜ୍ଞାହୀନତା)ରେ ମତୁଆଲା ହୋଇ କାହାରି କଥା ଶୁଣିବାକୁ ପ୍ରସ୍ତୁତ ନାହାନ୍ତି । ବାସ୍ ! ମୁସଲମାନମାନଙ୍କୁ ଏଥିପ୍ରତି ବହୁତ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ଉଚିତ୍ । ଆଉ ଆମମାନଙ୍କୁ ସେମାନଙ୍କ ପାଇଁ ଦୁଆ କରିବା ଜରୁରୀ, ଆମମାନଙ୍କ ନିକଟରେ ତ ଅନ୍ୟ କୌଣସି ସାମର୍ଥ୍ୟ ନାହିଁ ।

ଏହିପରି ପାକିସ୍ତାନ ଅହେମଦିମାନଙ୍କ ସକାଶେ ମଧ୍ୟ ଦୁଆ କରିବେ, ସେମାନଙ୍କ ଅବସ୍ଥା ମଧ୍ୟ କେତେକ ସମୟରେ ବେଶ ଅଧିକ ସଙ୍ଗିନ୍ ହୋଇଯାଉଛି । ବଙ୍ଗଳାଦେଶର ଅହେମଦିମାନଙ୍କ ସକାଶେ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ସେମାନଙ୍କୁ ସମସ୍ତ ପ୍ରକାର ବିରୋଧ ଓ ଆକ୍ରମଣରୁ ରକ୍ଷା କରନ୍ତୁ । ବାକି ସ୍ଥାନମାନଙ୍କରେ ମଧ୍ୟ ଅତ୍ୟାଚାରୀତ ଲୋକମାନଙ୍କ ପାଇଁ ମଧ୍ୟ ଦୁଆ କରିବେ, ଅତ୍ୟାଚାରୀତ ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ସମସ୍ତଙ୍କୁ ନିଜ ସୁରକ୍ଷା ପରିସର ମଧ୍ୟରେ ରଖନ୍ତୁ, ସଂସାରବାସୀଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସଭିଏଁ ଶାନ୍ତି ପ୍ରତିଷ୍ଠା ପ୍ରତି ମନୋଯୋଗ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ଦୁଆ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** *** ***

Khulasa Khutba Juma Huzoor Anwar a.b.a

7th February 2025

*Translated to Odia by :* Moulavi Anwar Ahmad Khan